# Akashvani, Sambalpur

## SAMBALPURI NEWS BULLETIN

### 22 March 2024- 6.47- 6.52 am.

********************************************

ନିର୍ବାଚନ ବଣ୍ଡ- ସୁପ୍ରିମ୍‌କୋର୍ଟ ଆର୍‌ଏନ୍‌ୟୁ / ସମ୍ବଲପୁର

ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଗଲାକାଏଲ୍ ନିର୍ବାଚନ୍ କମିଶନ୍‌ଙ୍କର୍ ପାଖେ ଭାରତୀୟ ଷ୍ଟେଟ୍‌ବେଙ୍କ୍ ତର୍‌ଫୁ ୟୁନିକ୍ ନମ୍ବର୍ ସହେତେ ନିର୍ବାଚନୀ ବଣ୍ଡର ପୁରା ବିବରଣୀ ଦାଖଲ୍ କରାଯାଇଛେ । ନିର୍ବାଚନ୍ କମିଶନ୍ ଇ ନୂଆଁ ତଥ୍ୟକେ ନିଜର୍ ୱେବ୍‌ସାଇଟ୍‌ଥି ଜାରି କରିଛନ୍ । ଇଥି ବଣ୍ଡ୍ କ୍ରେତା ଆଉ ଦଲ୍‌ମାନେ ପାଇଥିବାର୍ ପାଣ୍ଠି ବାବ୍‌ଦେ ଜନାପଡ଼୍‌ବା ।
ଭାରତୀୟ ଷ୍ଟେଟ୍‌ବେଙ୍କ୍ ନିର୍ବାଚନ୍ ବଣ୍ଡ ଘିନ୍‌ବାର୍ ଆର୍ ବଣ୍ଡ୍‌ମାନ୍‌କୁ ଭଞ୍ଜାବାର୍ ଲାଗି ୨୦୧୮ ମସିହା ମାର୍ଚ୍ଚ ମାସୁ ବଣ୍ଡ୍ ଜାରି କରିଥିଲା ।

ଇସ୍ରୋ- ପୁଷ୍ପକ ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତୀୟ ମହାକାଶ ଗବେଷଣା ସଂଗଠନ୍- ଇସ୍ରୋ ତର୍ଫୁ ରି-ୟୁଜେବୁଲ୍ ଉତ୍କ୍ଷେପଣ ଯାନ - ପୁଷ୍ପକର ଆଏଜ୍ ପରୀକ୍ଷଣ୍ କରାଯିବା । ଇଥି ଇସ୍ରୋର୍ ଅଧ୍ୟକ୍ଷ ଏସ୍.ସୋମ୍ନାଥ୍ ଆଉ ଅଲ୍ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହେବେ । ଗଲାବଛର୍ ଏପ୍ରିଲ୍ ମାସେ ଇ ଉତ୍କ୍ଷେପଣ ଯାନର ଆଘର୍ ନମୁନାର ପରୀକ୍ଷା କରାଯାଇଥିଲା । ପୁଷ୍ପକ ଉତ୍କ୍ଷେପଣ ଯାନ ଆକାଶ ନ ପବନ୍ର ଗତି ଆଉ ଅଲ୍ଗା ବିଷେ ମାନ୍କର୍ ଉପ୍ରେ ଅନୁଧ୍ୟାନ୍ କଲା ଉତ୍ରୁ ରନ୍ୱେକେ ଫିର୍ବା ବଲି ଜନାପଡ଼ିଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ସିଇଓ ଗସ୍ତ   ଆର୍ଏନ୍ୟୁ   / ସମ୍ବଲପୁର

ନିର୍ବାଚନ୍ ତୟାରିର୍ ଭିନ୍ ଭିନ୍ ଦିଗ ବିଷେ ସମୀକ୍ଷା କର୍ବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଏଜ୍ଠାନୁ ଅବିଭକ୍ତ କୋରାପୁଟ୍ ଜିଲ୍ଲା ଗସ୍ତ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ଆଏଜ୍ ରାଜ୍ୟ ପୁଲିସ୍ ନୋଡ଼ାଲ୍ ଅଧିକାରୀ - ନିର୍ବାଚନ୍ ସଞ୍ଜୟ କୁମାର୍ ଆଉ ଅଲ୍ଗା ନିର୍ବାଚନ୍ ଅଧିକାରୀମାନ୍କର୍ ସହେତେ କୋରାପୁଟ୍ , ମାଲ୍କାଲନ୍ଗିରି, ରାୟଗଡ଼ା ଆର୍ ନବରଙ୍ଗପୁର୍ ଜିଲ୍ଲାର୍ ଜିଲ୍ଲାପାଲ୍ ସୁନାବେଡ଼ା

ରେଞ୍ଜ୍ର ଡିଆଇଜି, ଆରକ୍ଷୀ ଅଧିକ୍ଷକ ଆଉ ୧୪ ଟା ବିଧାନ୍‌ସଭା ଆସନ୍‌ର ରିଟର୍ଣ୍ଣିଂ ଅଫିସର୍‌ମାନ୍‌କର୍ ସହେତେ ନିର୍ବାଚନ୍ ତୟାରି ବାବ୍‌ଦେ ଆଲୋଚନା କର୍‌ବେ । ଇ ଗସ୍ତ ସମିଆଥି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଭୋଟ୍‌ଗନ୍‌ତି କେନ୍ଦ୍ରମାନ୍‌କୁ ଭିଲ୍ ପରିଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ଆଏବା କାଏଲ୍ ନବରଙ୍ଗ୍‌ପୁର୍ ଜିଲ୍ଲା ଗସ୍ତ୍ କର୍‌ବେ ବଲି ଜନାପଡ଼ିଛେ ।

ନିର୍ବାଚନ୍ - ଝାର୍‌ସୁଗୁଡ଼ା/ସମ୍ବଲପୁର ଆର୍‌ଏନ୍‌ୟୁ / ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେ ଗଲାକାଏଲ୍ ଛତିଶ୍‌ଗଡ଼୍ ସୀମାକେ ଲାଗିଥିବାର୍ ଗ୍ରାମ୍ ପଂଚାୟତ୍‌ମାନ୍‌କୁ ଗସ୍ତ୍ କରିଥିଲେ । ସେ ଇ ସମିଆଥି ବୁଥ୍ ସ୍ତର୍ ନ ଥିବାର୍ ଭିନ୍ ଭିନ୍ ସୁବିଧା ଆଉ ନିର୍ବାଚନ୍ ତୟାରି ବାବ୍‌ଦେ ଅନୁଧ୍ୟାନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଛତିଶ୍‌ଗଡ଼୍ ସୀମାକେ ଲାଗିକରି ଥିବାର୍ ବ୍ରଜରାଜନଗର୍ ବିଧାନ୍‌ସଭା ମଣ୍ଡଳୀ ନ ୧ ଲାଖ୍ ୯ ହଜାର୍ ୬ ଶହ ୬୬ ପୁରୁଷ ଆର୍ ୧ ଲାଖ୍ ୬ ହଜାର୍ ଶହେ ୭୬ ମହିଲାଙ୍କର୍ ଲାଗି ୩ ଶହ

୯୭ ଟା ଜାଗା ନ ୫ ଶହ ୧୫ ଟା ମତଦାନ୍ କେନ୍ଦ୍ର କରାଯାଇଛେ ।

ହେନ୍ତା ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଆଏବା ଲୋକସଭା ଆଉ ବିଧାନ୍‌ସଭା ନିର୍ବାଚନ୍ ପରିଚାଲନା ବାବ୍‌ଦେ ଜିଲ୍ଲା ନ ଥିବାର୍ ଭିନ୍ ଭିନ୍ କକ୍ଷ ମାନ୍‌କୁ ବୁଲି ଦେଖିଥିଲେ । ସେଇ ସମିଆଥି କକ୍ଷ ମାନ୍‌କର୍ ଦାୟିତ୍ୱଥି ଥିବାର୍ ଅଧିକାରୀମାନ୍‌କର୍ ସହେତେ ସୁରୁଖୁରଥି ଭୋଟ୍ କର୍‌ବାର୍ ଲାଗି ଚାଲିଥିବାର୍ କାର୍ଯ୍ୟକ୍ରମ୍ ନେଇକରି ଆଲୋଚନା କରିଥିଲେ ।

ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍- ହୋଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରେଲ୍ ହୋଲି ପରବ୍‌କେ ନଜର୍‌ଥି ରଖିକରି ଯାତ୍ରୀମାନ୍‌କର୍ ଯା'ଆସ୍‌ର ସୁବିଧାର୍ ଲାଗି ୫ ଶହ ୪୦ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍‌ବା । ରେଲ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ କୋଲ୍‌କାତା- ପୁରୀ ସହେତେ ଦିଲ୍ଲୀନୁ ଦେଶର୍ ପ୍ରମୁଖ ଠାନ୍ ମାନ୍‌କୁ ଇ ଟ୍ରେନ୍ ଚଲାଚଲ୍ କର୍‌ବା । ଗଲାବଛରନୁ ଇ ବଛର୍ ଅଏତ୍‌କା ୨ ଶହ ୧୯ ଟା ଟ୍ରେନ୍ ଚଲାଯିବା ବଲି ରେଲ୍‌ବାଇ ସୂତ୍ରନୁ ଜନାପଡ଼ିଛେ । । ମନ୍ତ୍ରଣାଳୟ ଇଟା ଭିଲ୍ କହିଛେ ଯେ, ଯାତ୍ରୀମାନ୍‌କର୍ ସୁରକ୍ଷା ନିଶ୍ଚିତ୍ କର୍‌ବାର୍ ଦିଗେ

ପ୍ରମୁଖ ଷ୍ଟେସନ୍ ମାନ୍‌କୁ ଅତିରିକ୍ତ ସୁରକ୍ଷା କର୍ମଚାରୀ ନିଯୁକ୍ତ କରାଯିବା । ଟ୍ରେନ୍ ଚଲାଚଲ୍ ସୁରୁଖୁରୁଥି କର୍‌ବାର୍ ଲାଗି ପ୍ରମୁଖ ଷ୍ଟେସନ୍ ମାନ୍‌କେ ରେଲ୍ ଅଧିକାରୀମାନ୍‌କୁ ଜରୁରୀକାଲୀନ୍ ଡ୍ୟୁଟିଥି ନିୟୋଜିତ କରାଯିବା ।

ବିଶ୍ୱ ଜଲ୍ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଜଲ୍ ଦିବସ୍ । ୧୯୯୩ ମସିହାନୁ ଆଝିର୍ ଦିନ୍‌କେ ଜଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ 'ଶାନ୍ତିର୍ ଲାଗି ପାଏନ୍' ବାର୍ତା ନେଇକରି ବିଶ୍ୱ ଜଲ ଦିବସ୍ ପାଲନ୍ କରାଯାଉଛେ । ୨୦୩୦ ତକ୍ ନିରନ୍ତର୍ ବିକାଶ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲକ୍ଷ୍ୟକେ ସଫଲ୍ କର୍‌ବାର୍, ପାଏନ୍‌କେ ସମାନ୍ କରି ବାଂଟ୍‌ବାର୍ ଲାଗି କାମ୍ କର୍‌ବାର୍ ଉପ୍‌ରେ ସର୍‌କାର୍‌ଙ୍କର୍ ତର୍‌ଫୁ ଜୋର୍ ଦିଆଯାଇଛେ । ଜଲ୍‌ସମ୍ପଦ୍‌ର ଠିକ୍‌ଠାକ୍ ପରିଚାଳନା ଲକ୍ଷ୍ୟ ହାସଲ୍ ଦିଗେ ଆଗ୍‌କେ ନେଇପାର୍‌ବା ବଲି ବିଶେଷଜ୍ଞମାନେ କହିଛନ୍ । ସଫା ଆର୍ ସୁରକ୍ଷିତ୍ ପାଏନ୍‌ର ଦର୍‌କାର୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲକ୍ଷ୍ୟଥି ଫି ବର୍ଷ ବିଶ୍ୱ ଜଲ ଦିବସ୍ ପାଲନ୍ କରାଯାଉଛେ । ଇ ଉଲ୍‌ଗୁନେ ଆଏଜ୍ ରାଜ୍ୟ

ଆର୍ ଦେଶର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ଆର୍‌ଏନ୍‌ୟୁ /କଟକ୍

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ- ସିଏଚ୍‌ଏସ୍‌ଇ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆଏଜ୍‌ନୁ ମୁଲ୍ ହେବା । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ- ସିଏଚ୍‌ଏସ୍‌ଇ ତର୍‌ଫୁ ସବୁ ପ୍ରକାର୍‌ର ପ୍ରସ୍ତୁତି କରାଯାଇଛେ । ପହେଲା ଖେପେ ଆଏଜ୍‌ଠାନୁ ଏପ୍ରିଲ୍ ୨ ଆର୍ ୨ ନମ୍ବର୍ ଖେପେ ଆଏବା ଏପ୍ରିଲ୍ ୪ ନୁ ୧୫ ତାରିଖ୍‌ତକ୍ ଖାତାଦେଖା ହେବା ।

ପହେଲା ଖେପେ ୬ ହଜାର୍ ୫ ଶହ ଝନ୍ ଆର୍ ୨ ନମ୍ବର୍ ଖେପେ ୪ ହଜାର୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଖାତା ସୁଧା କାମେ ନିୟୋଜିତ ହେବେ ବଲି ପରିଷଦ୍ କର୍ତୃପକ୍ଷ କହିଛନ୍ । ଇ ବଛର୍ ୩ ଲାଖ୍ ୮୬ ହଜାର୍ ୨ ଶହ ୫୦ ଝନ୍ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ । ଆଏବା ମେ ୧୫ ତାରିଖ୍‌ତକ୍ ପରୀକ୍ଷାଫଲ୍ ବାହାର୍ କର୍‌ବାର୍‌କେ ସିଏଚ୍‌ଏସ୍‌ଇ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ ।